# ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ, କୋଇଡା ।

ଆଦେଶ ସଂଖ୍ୟା 227 /ତା 15.04.2026 / ରିଖ

## ବିଜ୍ଞାପନ

ଏତଦ୍ୱାରା ନିମ୍ନରେ ଦର୍ଶାଯାଇଥିବା ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ମହିଳା /ଯୁବତୀ ମାନଙ୍କୁ ସୂଚିତ କରାଯାଉ ଅଛି କି ଯେ ଉକ୍ତ କେନ୍ଦ୍ରରେ ଖାଲିଥିବା ଅଙ୍ଗନୱାଡି ସହକର୍ମୀ ପଦବୀ ପୂରଣ ନିମନ୍ତେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳର ପ୍ରାର୍ଥୀନୀ ମାନଙ୍କ ଠାରୁ Online ମାଧ୍ୟମରେ ଦରଖାସ୍ତ ଅହ୍ୱାନ କରାଯାଉଅଛି । ଉକ୍ତ ପଦବୀ ସମ୍ପୂର୍ଣ ରୂପେ ଅସ୍ଥାୟୀ ଓ ସାନ୍ତ୍ୱନା ମୂଳକ ମାନ ଦେୟ ଟ **୫୦୦୦/-** (ପାଞ୍ଚ ହଜାର ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଛି । ଏହି http//engagement-awc.odisha.gov.in ରେ login କରି ଆବଶ୍ୟକ ହୋଇଥିବା ସମସ୍ତ ଯୋଗ୍ୟତାର ପ୍ରମାଣ ପତ୍ର Upload କରି ଆସନ୍ତା ତା: **21.04.2026** ରିଖ ଠାରୁ ତା: **05.05.2026** ରିଖ ମଧ୍ୟରେ ଦରଖାସ୍ତ ଆବେଦନ କରି ପାରିବେ ।

ପୁନର୍ବାର ସମସ୍ତ ଦରଖାସ୍ତକାରୀଙ୍କୁ ସୂଚିତ କରାଯାଉଅଛି ଯେ ଆସନ୍ତା ତା: **06.05.2026** ରିଖ ଦିନ **୧୦.୩୦** ଘ: ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ମୂଳ ପତ୍ର ସହିତ ତଥା ଆବେଦନ ବେଳେ କରିଥିବା ନକଲ ପତ୍ର କୁ ଯାଞ୍ଚ କରାଯିବ ।

**ଚୟନ ସମୟରେ ନିମ୍ନ ସର୍ତାବଳୀ ଅନୁସରଣ କରାଯିବ ।**

**ଯୋଗ୍ୟତା ଓ ସର୍ତାବଳୀ :-**

୧. ପ୍ରାର୍ଥୀନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳର ସ୍ଥାଇ ବାସିନ୍ଦା ହୋଇଥିବେ ଏବଂ ଅଙ୍ଗନବାଡି କର୍ମୀଙ୍କ ପାଇଁ ଗ୍ରହଣୀୟ ହୋଇଥିବା ଆବଶ୍ୟକ ।

୨. ପ୍ରାର୍ଥୀନୀଙ୍କ ବୟସ ୦୧.୦୧. ୨୦୨୬ ସୁଦ୍ଧା ୧୮ ବର୍ଷ ରୁ କମ ଏବଂ ୩୫ ବର୍ଷ ରୁ ଉର୍ଦ୍ଧ ହୋଇନଥିବା ।

୩. ପ୍ରାର୍ଥୀନୀ ସର୍ବ ନିମ୍ନ **+୨ ପାସ** କରିଥିବେ । ଅଧିକ ଶିକ୍ଷାଗତ ଥିବା ପ୍ରାର୍ଥୀନୀ ଙ୍କୁ ଗ୍ରେସ ମାର୍କ ଦିଆଯିବ ।

**୪. ପ୍ରାର୍ଥୀନୀ ଓଡ଼ିଆ ଭାଷାକୁ ବୁଝି ପାରୁଥିବେ ଓ ଓଡ଼ିଆ ଭାଷାରେ ଲେଖି, ପଢି , କହି ପାରୁଥିବେ । କୌଣସି ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନ କିମ୍ବା ସର୍ବ ଶିକ୍ଷା ଶିକ୍ଷାନୁଷ୍ଠାନ ୭ମ (ମାଧମିକ) ଶ୍ରେଣୀ ଯାଏଁ ଓଡ଼ିଆ ଭାଷାରେ ପାସ କରିଥିବେ କିମ୍ବା ମାଟ୍ରିକ କିମ୍ବା ତଦୁର୍ଦ୍ଧ ଶ୍ରେଣୀରେ ଗୋଟିଏ ଓଡ଼ିଆ ବିଷୟ ରଖି ପାସ କରିଥିବେ ।**

୫. ପ୍ରାର୍ଥୀନୀ ଅବିବିବାହିତା/ ସ୍ୱାମୀ ପରିତ୍ୟକ୍ତା/ ଅନାଥ (କୌଣସି ଜୈବିକ କିମ୍ବା ଆଇନ ଗତ ପିତା ମାତା ନ ଥିବେ /ବିଧବା /ପ୍ରତାଡ଼ିତ ହୋଇଥିଲେ ଉପଯୁକ୍ତ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ପ୍ରମାଣ ପତ୍ର ଦାଖଲ କଲେ ଗ୍ରେସ ମାର୍କ ଦିଆଯିବ ।

୬. ପ୍ରାର୍ଥୀନୀ ଯଦି ପଞ୍ଚାୟତରାଜ ବିଭାଗର ନିର୍ବାଚିତ ସଦସ୍ୟା ହୋଇଥାନ୍ତି, ତେବେ ଉକ୍ତ ପଦବୀ ନିମିତ୍ତ ଚୟନ କମିଟି ଦ୍ୱାରା ଯୋଗ୍ୟ ବିବେଚିତ ହୋଇ ସାରିବା ପରେ ସଦସ୍ୟା ପଦବୀରୁ ଇସ୍ତଫା ଦେଇ ସହକର୍ମୀ ପଦବୀରେ ଯୋଗଦାନ କରିପାରିବେ ।

୭. ମହିଳା ଓ ଶିଶୁ ବିକାଶ ବିଭାଗ ,ଓଡିଶା ,ଭୁବନେଶ୍ୱର ଚିଠି ସଂଖ୍ୟା WCD-ICDS-G-MISC-0120-2023-5564/WCD ତା ୦୭.୦୩.୨୦୨୪ ରିଖ ନିର୍ଦ୍ଦେଶନାମା ANNEXURE ପାରା ୧(viii) ଅନୁଯାୟୀ ଉକ୍ତ ଅଂଚଳ ITDA ଏରିଆ ଅନ୍ତର୍ଭୁକ୍ତ ହୋଇ ଥିବାରୁ କେବଳ **ST** ସମ୍ପ୍ରଦାୟ ପ୍ରାର୍ଥିନି ଆବେଦନ କରି ପାରିବେ |

୮. ସ୍ଥାନୀୟ ବାସି1ନ୍ଦା (Resident Certificate ) ପ୍ରମାଣ ପତ୍ର ସ୍ଥାନୀୟ ତେହସୀଲଦାରଙ୍କ ଠାରୁ ତା **06.05.2021** ରିଖ ଠାରୁ ତା 05.05.2026 ରିଖ (ପାଞ୍ଚ ବର୍ଷ ) ମଧ୍ୟ ରେ ପ୍ରାପ୍ତ ହୋଇଥିବା ଆବଶ୍ୟକ |

**ଦରଖାସ୍ତ ସହିତ ନିମ୍ନରେ ଦର୍ଶାଯାଇଥିବା ପ୍ରମାଣପତ୍ର ଆବେଦନ ଫର୍ମ ସହିତ Upload କରିବେ ।**

୧. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ତଥା (ମାଟ୍ରିକ ପାସ, +୨ ପାସ ଓ ତଦୁର୍ଦ୍ଧ ସାର୍ଟିଫିକେଟ ଓ ମାର୍କ ସିଟ ର ନକଲ 2 sides **Upload** କରିବେ) ।

୨. ସ୍ଥାୟୀ ବାସିନ୍ଦା ର ପ୍ରମାଣ ପତ୍ର (ସମ୍ପୃକ୍ତ ତହସିଲଦାର) ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଦରକାର ।

୩. ଜାତିଗତ ପ୍ରମାଣ ପତ୍ର ( ସମ୍ପୃକ୍ତ ତହସିଲଦାର) ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଦରକାର ।

୪. ବିଧବା , ଅବହେଳିତ , ସ୍ୱାମୀ ପରିତ୍ୟକ୍ତା ,ଅନାଥ, ପ୍ରତାଡ଼ିତ ଥିଲେ ତାର ଉପଯୁକ୍ତ ପ୍ରମାଣପତ୍ର (କୌଣସି ଜୈବିକ କିମ୍ବା ଆଇନ ଗତ ପିତା-ମାତା) ନ ଥିବେ ।

ପ୍ରକାଶ ଥାଉକି କୌଣସି ତ୍ରୁଟି ଅନୁଧାନ ପୂର୍ବକ ତଥା କୌଣସି କାରଣ ନ ଦର୍ଶାଇ ଚୟନ କମିଟି ଅଧକ ଙ୍କ ଅନୁମୋଦନ କ୍ରମେ ବିଜ୍ଞାପନ କୁ ବାତିଲ କରାଯାଇପାରେ ।

**୫ ) ପୂର୍ବ notification ନ. ୮୨ /ତା ୧୫.୦୪.୨୦୨୬ ରିକା AWH vacancy ବାହାର କର ଯାଇଥିଲା | କିନ୍ତୁ ଦିଅ ଯାଇଥିବା ତାଲିକା ରେ ଥିବା ମନ୍ଦଯୋଡ଼ା , ପଡାଡ଼ିହି , ନୂଆ ତନ୍ତା AWC ରେ କୋଣସି ଆବେଦନ କାରି ,ଆବେଦନ କରି ନ ଥିବା କାରଣରୁ ପୁଣି ଠାରେ,ସେହି ଅଙ୍ଗନବାଡି ପାଇଁ notification କରା ଯାଉ ଅଛି |**

| କ୍ର: ନ | ଗ୍ରାମ ପଞ୍ଚାୟତ ର ନାମ | ଗ୍ରାମ ର ନାମ | ଅଙ୍ଗନୱାଡି କେନ୍ଦ୍ର ର ନାମ | ପଡା,ସାହି,ବସ୍ତି ର ନାମ | ନିର୍ଦ୍ଧାରିତ ପରିସର ଅଞ୍ଚଳ ର | |
|---|---|---|---|---|---|---|
| | | | | | ଆରମ୍ଭ ଘର | ଶେଷ ଘର |
| ୨ | ପାଟମୁଣ୍ଡା | ପଡାଡ଼ିହି | ପଡାଡ଼ିହି | ପଡାଡ଼ିହି | ସମାନ ଗ୍ରାମାଞ୍ଚଳ | ସମାନ ଗ୍ରାମାଞ୍ଚଳ |
| ୨ | ମାଳଦା | ମନ୍ଦଯୋଡ଼ା | ମନ୍ଦଯୋଡ଼ା | ମନ୍ଦଯୋଡ଼ା | ମନ୍ଦଯୋଡ଼ା ର ପାଖ ଗ୍ରାମ | ମନ୍ଦଯୋଡ଼ା ର ପାଖ ଗ୍ରାମ |
| ୩ | ଚୋରଧରା | ନୂଆ ତନ୍ତା | ନୂଆ ତନ୍ତା | ନୂଆ ତନ୍ତା | ନୂଆତନ୍ତା ର ପାଖ ଗ୍ରାମ | ନୂଆତନ୍ତା ର ପାଖ ଗ୍ରାମ |
| ୪ | କୋଇଡା | ଓ ଏମଏମ ବସ୍ତି | ଓ ଏମଏମ ବସ୍ତି | ଓ ଏମଏମ ବସ୍ତି | ଘର ସଂଖ୍ୟା ୧ -ପ୍ରଦୀପ ଡୁଙ୍ଗଡୁଙ୍ଗ | ଘର ସଂଖ୍ୟା ୧୭୦ - ରାମ ନାରାୟଣ ରାଏ |
| ୫ | ଟେନ୍ସା | ଜିର ପୋଇଁଟ | ଜିର ପୋଇଁଟ | ଜିର ପୋଇଁଟ | ଘର ସଂଖ୍ୟା ୧ -ପ୍ୟାରୀ ଗ୍ଲୋରିଆ ତିର୍କି | ଘର ସଂଖ୍ୟା ୧୬୬ - ଟୁଲା ନାୟକ |

ଶିଶୁ ବିକାଶ ଯୋଜନା
Child Development Project Officer
ଅଧିକାରୀ କୋଇଡା
Koida

ଜ୍ଞାପକ ସଂଖ୍ୟା ୨୨୪ / ତା 15.04.26 /ରିଖ ।

ଏହାର ଏକକ ନକଲ ସମ୍ପୃକ୍ତ ଅଙ୍ଗନୱାଡି ଅଞ୍ଚଳର ମହିଳା /ଯୁବତୀ ମାନଙ୍କ ଅବଗତି ନିମନ୍ତେ ପଠାଗଲା ,ଅତ୍ର କାର୍ଯ୍ୟାଳୟ ର ନାଟିସ ବୋର୍ଡ ରେ ଲଟକା ପାଇଁ ସର୍ବ ସାଧାରଣ ନିମନ୍ତେ ଦିଆଗଲା ।

ଶିଶୁ ବିକାଶ ଯୋଜନା ଅଧିକାରୀ
Child Development Project Officer
କୋଇଡା
Koida

ଜ୍ଞାପକ ସଂଖ୍ୟା 229 / ତା 15.04.26 /ରିଖ ।

ଏହାର ଏକକ ନକଲ ସମ୍ପୃକ୍ତ ସରପଞ୍ଚ/ ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକା /ସମ୍ପୃକ୍ତ ଅଞ୍ଚଳର ଦାୟିତ୍ୱରେ ଥିବା A.N.M ଦିଦି ଙ୍କୁ ଅବଗତି ନିମନ୍ତେ ପଠାଗଲା , ପଞ୍ଚାୟତ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ଲଟକା ପାଇଁ ସର୍ବ ସାଧାରଣ ନିମନ୍ତେ ଦିଆଗଲା ।

15.04.26

ଶିଶୁ ବିକାଶ ଯୋଜନା ଅଧିକାରୀ
Child Development Project Officer
କୋଇଡା
Koida

ଜ୍ଞାପକ ସଂଖ୍ୟା 230 / ତା 15.04.26 /ରିଖ ।

ଏହାର ଏକକ ନକଲ ଉପ-ଜିଲ୍ଲାପାଳ, ବଣେଇ /ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସୁନ୍ଦରଗଡ /ବ୍ଲକ ଶିକ୍ଷା ଅଧିକାରୀ(BEO), କୋଇଡା ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

15.04.26

ଶିଶୁ ବିକାଶ ଯୋଜନା ଅଧିକାରୀ
Child Development Project Officer
କୋଇଡା
Koida